## ସଂକ୍ଷେପରେ

### ଅମୃତିଆରୁ ଦୋକାନ ଭାଙ୍ଗି ଚୋରି

ପାଣିକୋଇଲି,୨୪।୮(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମର ଏକ ତେଜରାତି ଦୋକାନ ଗ୍ରୀଲ ଓ ଝରକା ଭାଙ୍ଗି ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଚୋରି ହୋଇଥିବା ଦୋକାନୀ ମାଲିକ ହେଲେ ଅମୃତିଆ ଶାସନର ତପନ କୁମାର ବେହେରା। ସେ ମା' ସନ୍ତୋଷୀ ଭେରାଇଟ ଷ୍ଟୋର ନାମରେ ତେଜରାତି ଦୋକାନ କରିଛନ୍ତି। ଉକ୍ତ ଦୋକାନରୁ କେହି ଦୁର୍ବୃତ୍ତ ନଗଦ ୫ ହଜାର ଟଙ୍କା ସହ ଦାମୀ ସାମଗ୍ରୀ ଚୋରି କରିନେଇଛନ୍ତି। ତପନ ଶନିବାର ସକାଳୁ ଏହା ଦେଖିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ଏସ୍ଆଇ ସ୍ମୃତିମଞ୍ଜରୀ ବଡଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### କୋଇଲା ବୋଝେଇ ପିକ୍ଅପ୍ ଜବତ, ୨ ଅଭିଯୁକ୍ତ କୋର୍ଟ ଚାଲାଣ

ରାଜକନିକା,୨୪।୮(ରବୀନ୍ଦ୍ର କୁମାର ଦାସ): ଶୁକ୍ରବାର ରାଜକନିକା ପୋଲିସ ନହୁଲିଆ ନିକଟସ୍ଥ ପୋରଳ ରାସ୍ତାରୁ ଚୋରା କୋଇଲା ବୋଝେଇ ପିକ୍ଅପ୍ ଜବତ କରିଥିଲା । ଏହି ଘଟଣାରରେ ପିକ୍ଅପ୍ ଚାଳକ ଓ ସହଯୋଗୀଙ୍କୁ ରାଜକନିକା ପୋଲିସ ଶନିବାର ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଦୁଇ ଅଭିଯୁକ୍ତ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ବାଁଶଡା ଥାନା ଅନ୍ତର୍ଗତ ନୂଆଗାଁ ଇଚ୍ଛାପୁରର କିଶୋର ଚନ୍ଦ୍ର ରାଉତ(୨୭)ଓ ପ୍ରକାଶ ଚନ୍ଦ୍ର ବାରିକ (୩୫) । ଏହି ଘଟଣା ସଂକ୍ରାନ୍ତରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

### ସାମାଜିକ କର୍ମୀଙ୍କ ପରଲୋକ

ବରୀ,୨୪।୮(ମହେନ୍ଦ୍ର ସ୍ୱାଇଁ):



ବରୀ ବ୍ଲକ ଅନ୍ତର୍ଗତ କୋରଡ଼ା ପିମ୍ପଲ ଗ୍ରାମର ସାମାଜିକ କର୍ମୀ ଗଗନ ବିହାରୀ ସାମଲ(୮୬)ଙ୍କ ପରଲୋକ ହୋଇଯାଇଛି। ସେ ୨୦୦୦ ମସିହାରେ ଚାକିରିରୁ ଅବସର ନେବାପରେ ବରୀ ଅଞ୍ଚଳର କୃଷି ଓ କୃଷକ ସମସ୍ୟାକୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ଓ ପରେ ନବ ନିର୍ମାଣ କୃଷକ ସଂଗଠନର ଜଣେ ସତ୍ୟାଗ୍ରହୀ ଭାବେ ଦୀର୍ଘଦିନ ଧରି ଚାଷୀ ଆନ୍ଦୋଳନକୁ ସକ୍ରିୟ କରିରଖିଥିଲେ। ସେ ଯାଜପୁର ଜିଲା କୃଷି କମିଟିର ମଧ୍ୟ ଉପଦେଷ୍ଟା ଥିଲେ। ମୃତ୍ୟୁ ଖବର ପାଇ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର, ଶେଷଦେବ ନନ୍ଦ, ଜିଲା କର୍ମକର୍ତ୍ତା ମାଧବ ଶାନ୍ତି, ମନୋଜ ଦାସ, ଦିଲୀପ ବେହେରା, ବଲ୍ଲଭ ଜେନା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ଆମ୍ବୁଲାନ୍ସ ଚାଳକଙ୍କ ସପକ୍ଷରେ ବାହାରିଲେ ଜନତା

ରସୁଲପୁର,୨୪।୮(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଅଞ୍ଚଳରେ ଆମ୍ବୁଲାନ୍ସ ସେବା ଯୋଗାଉଥିବା ସୁଶାନ୍ତ କୁମାର ସାହୁଙ୍କୁ ପୋଲିସ ଅଟକ ରଖିବା ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଛି। ଶହଶହ ସ୍ଥାନୀୟ ଜନସାଧାରଣ ତାଙ୍କ ସପକ୍ଷରେ ବାହାରିବା ସହ ଶୁକ୍ରବାରଠାରୁ କୁଆଖିଆ ଥାନାରେ ଡେରାପକାଇବା ପରେ ପୋଲିସ ଶନିବାର ଏହି ନିଷ୍ପତ୍ତି ନେଇଛି। ଏହି ଘଟଣା ଯାଜପୁର ଜିଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ମୁତାବକ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ ପାଇ ଜିଲାପାଳ ପି. ଅନ୍ୱେଷା ରେଡ୍ଡି ଶନିବାର ପରିଦର୍ଶନରେ ଆସିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ୧୯ ତାରିଖରେ ତଦନ୍ତ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏହି ସମୟରେ ସ୍ଥାନୀୟ ଜନସାଧାରଣ ତାଙ୍କୁ ଭେଟି ସ୍ୱାସ୍ଥ୍ୟକେନ୍ଦ୍ରର ଅସୁବିଧା ବଖାଣିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜିଲାପାଳଙ୍କୁ ଆସନ୍ତା ୨୭ ତାରିଖରେ ତାଙ୍କ ତଦନ୍ତ ରିପୋର୍ଟ ଦେବେ। ତେବେ ୨୩ ତାରିଖରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସମେତ ୨୪ କର୍ମଚାରୀ ଜିଲାପାଳଙ୍କ ନିକଟରେ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭର ସୁଶାନ୍ତଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକ, କୋରେଇ ବିଧାୟକ, ରସୁଲପୁର ବିଡିଓ ଏବଂ କୁଆଖିଆ ଥାନା ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କଠାରୁ ନିର୍ଦ୍ଦେଶ ପାଇ ରସୁଲପୁର ବିଡିଓ, ଯାଜପୁର ଏସ୍ଡିପିଓଙ୍କ ପକ୍ଷରୁ ମିଳିତ ତଦନ୍ତ ଆରମ୍ଭ ହୋଇଥିଲା। ଶୁକ୍ରବାର ଆମ୍ବୁଲାନ୍ସ ଚାଳକଙ୍କୁ ଥାନାକୁ ଡକାଯାଇ ପଚାରାଉଚରା କରାଯିବା ସହ ଅଟକ ରଖାଯାଇଥିଲା। ଅଧିକାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତଦନ୍ତ ପାଇଁ ଆସିଥିଲେ। ଏହି ଖବର ପ୍ରସାରିତ ହେବା ପରେ ମଧୁବନ ଅଞ୍ଚଳର ଜନସାଧାରଣ ଥାନାରେ ପହଞ୍ଚି ସୁଶାନ୍ତଙ୍କ ସପକ୍ଷରେ ଅଧିକାରୀଙ୍କୁ ଅବଗତ କରିବା ସହ ତାଙ୍କୁ ଛାଡ଼ିଦେବାକୁ

**ଆମ୍ବୁଲାନ୍ସ ଚାଳକଙ୍କ ବିରୋଧରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଅଭିଯୋଗ ଘଟଣା**




ଅନୁରୋଧ କରିଥିଲେ। ସୁଶାନ୍ତ କିପରି ନିରବଚ୍ଛିନ୍ନ ସେବା ଯୋଗାଇ କର୍ମଚାରୀଙ୍କ ରୋଷର ଶିକାର ହୋଇଛନ୍ତି ତାହା ଜନସାଧାରଣ ଦର୍ଶାଇଥିଲେ। ସ୍ଥାନୀୟ ବଣ୍ଟରା ଗ୍ରାମର ସହଦେବ ମଳିକ ଥାନାରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ମଧୁସୂଦନ ଦାସଙ୍କ ବିରୋଧରେ ଜାତିଆଣ ଆକ୍ଷେପ ସହ ଗାଡ଼ି ଚଢ଼ାଇ ମାରିଦବାକୁ ଧମକ ଦେଇଥିବା ଅଭିଯୋଗ କରିଥିଲେ। ଏଥିସହିତ ସୁଶାନ୍ତ ଜିଲାପାଳଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ସମ୍ପର୍କରେ ଜଣାଇବାରୁ ତାଙ୍କ ଉପରେ ରାଗ ରଖି କର୍ମଚାରୀ ଦାସ ଏପରି କରିଥିବା ସହଦେବ ଅନୁମାନ କରୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପୋଲିସକୁ କହିଥିଲେ। ତେଣୁ ୨ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ପାଇଁ ପୋଲିସ ପକ୍ଷରୁ ଶନିବାର ପୁନର୍ବାର ଛାନଭିନ୍ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ୪ ଡାକ୍ତର ଏବଂ କେତେଜଣ କର୍ମଚାରୀ ପୋଲିସକୁ ଦେଇଥିବା ବୟାନ ସମସ୍ତଙ୍କୁ ଚକିତ କରିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ବାବଦରେ ଗଣମାଧ୍ୟମରେ ନକାରାତ୍ମକ ଖବର ପରିବେଷଣ ହେଉଥିବାରୁ ଜିଲାପାଳଙ୍କୁ ତା'ର ପ୍ରତିକାର ପାଇଁ ଲିଖିତ ଅନୁରୋଧ କରିବାକୁ କୁହାଯାଇ ତାଙ୍କଠାରୁ ଦସ୍ତଖତ ନିଆଯାଇଥିଲା। ଆମ୍ବୁଲାନ୍ସ ଚାଳକ ସୁଶାନ୍ତଙ୍କ ବିରୋଧରେ ସେମାନଙ୍କର କୌଣସି ଅଭିଯୋଗ ନ ଥିବା ସେମାନେ କହିଥିଲେ। ଆମ୍ବୁଲାନ୍ସ ଚାଳକଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଆଧାରରେ ଥାନାରେ ନଂ.୩୪୮/୨୪ରେ ଓ ସହଦେବଙ୍କ ପକ୍ଷରୁ କର୍ମଚାରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଆଧାରରେ ନଂ.୩୪୯/୨୪ରେ ମାମଲା କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

## ବ୍ରହ୍ମଣୀ ନଦୀରେ ପ୍ରଥମ ବନ୍ୟା

ଧର୍ମଶାଳା,୨୪।୮(ବଟକୃଷ୍ଣ ପରିଡ଼ା):

ବ୍ରାହ୍ମଣୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ଏହି ନଦୀର ଉପର ଭାଗରେ ଥିବା ରେଙ୍ଗାଲି ଡ୍ୟାମରୁ ଶୁକ୍ରବାର ଗୋଟିଏ ଗେଟ୍ ମାଧ୍ୟମରେ ଓ ଶନିବାର ଅନ୍ୟ ଏକ ଗେଟ ମାଧ୍ୟମରେ ପାଣି ଛଡ଼ାଯାଇଛି। ଖୋଲାଯାଇଥିବା ୨ ଗେଟରେ ୪ ହଜାର କ୍ୟୁସେକ ଜଳ ଛଡ଼ାଯାଉଛି। ଶୁକ୍ରବାର ଛଡ଼ା ଯାଇଥିବା ପାଣି ଶନିବାର ଜେନାପୁରଠାରେ ପହଞ୍ଚିଛି। ଦ୍ୱିତୀୟ ଗେଟ୍ ବନ୍ୟାଜଳ ରବିବାର ଜେନାପୁର ଦେଇ ପ୍ରବାହିତ ହେବ। ସ୍ଥାନୀୟ ଅଞ୍ଚଳରେ ବିଶେଷ ବର୍ଷା ନ ଥିବାରୁ ବ୍ରାହ୍ମଣୀ ନଦୀ ଜଳପତନ ତଳେ ପ୍ରବାହିତ ହେଉଛି। ଦ୍ୱିତୀୟ ଗେଟ ବନ୍ୟାଜଳ ପହଞ୍ଚିଲେ ବିପଦ ସଙ୍କେତଠାରୁ ୪ଫୁଟ ନିମ୍ନରେ ପ୍ରବାହିତ ହେବ ବୋଲି ଜାରକା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ସୂଚନା ଦେଇଛନ୍ତି। ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଶୁକ୍ରବାର ଜଳସ୍ତର ୧୨୧.୩୦ ମିଟରରେ ପହଞ୍ଚିଥିଲା।

# ଜାତୀୟ କବି ବାଞ୍ଛାନିଧି ଦାସଙ୍କ ଜୟନ୍ତୀ



ଜାତୀୟ କବି ବାଞ୍ଛାନିଧି ଦାସଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ବରୀ,୨୪।୮(ମହେନ୍ଦ୍ର ସ୍ୱାଇଁ):

ଜାତୀୟ କବି ତଥା ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦାସଙ୍କ ୧୯୧ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବରୀ ବ୍ଲକ୍ ଅଧୀନ ସନ୍ଥନ ମହାବିଦ୍ୟାଳୟ ପରିସରରେ ବରୀ ପୂଜ୍ୟପୂଜା ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ଆବାହକ ତଥା ସାମାଜିକ କର୍ମୀ ସତ୍ୟରଞ୍ଜନ କର ସଭାପତିତ୍ୱ କରିଥିଲେ। ଲକ୍ଷ୍ମୀନାରାୟଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ କହିଥିଲେ, କବି ବାଞ୍ଛାନିଧିଙ୍କ କବିତା ଆଜିବି ଶୁଣିଲେ ସମସ୍ତଙ୍କ ମନ ଆନ୍ଦୋଳିତ ହୋଇଥାଏ। ତାଙ୍କର ତ୍ୟାଗ, ଆଦର୍ଶ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କ କବିତାର ଭୂମିକା ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଲେଖକ ସମ୍ମିଳନୀର ସଭାପତି ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ବାଞ୍ଛାନିଧିଙ୍କ କାର୍ଯ୍ୟଧାରା, ଜୀବନ ବ୍ୟାପୀ ସାଧନା ଓ କବିତା ଛଳରେ ଜନମାନସକୁ ଦିଗଦର୍ଶନ ଦେବା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଡ. ରାଜକିଶୋର ପଣ୍ଡା, ଗିରିଶ ବିହାରୀ ମିଶ୍ର, ପ୍ରଭାସ ଦାସ, ମକର ଚନ୍ଦ୍ର ଘଡ଼ାଇ, ଗୁନଚରଣ ନାୟକ, କବି କୁମାର ସରୋଜ, ଦୁର୍ଗା ମାଧବ ଦାସ, ପ୍ରଶାନ୍ତ ସାହୁ, ଆଇନଜୀବୀ ଭବାନୀ ପଣ୍ଡା, ବନ୍ଦନା ସାମଲ, ସବିତା ନାୟକ, ଓମ୍ପ୍ରକାଶ ମହାନ୍ତି, ଅଜୟ ରଥ ଓ ପ୍ରଶାନ୍ତ ପଡ଼ିଆରୀଙ୍କ ସମେତ ବରୀ ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ନବ ଭାରତୀ ବିଦ୍ୟା ଭବନର ପ୍ରଧାନଶିକ୍ଷକ ଗିରିଶ ବିହାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଜମ୍ବୁ ଦେଶୀ ମଦ ଭାଟିରେ ଚଢ଼ାଉ, ୫ କୋର୍ଟ ଚାଲାଣ

**୧୨ଶହ ଲିଟର ଦେଶୀ ମଦ, ପୋଚ ନଷ୍ଟ କରାଗଲା**

ମହାକାଳପଡ଼ା,(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଭାଟି ଉପରେ ଚଢ଼ାଉ ଅଭିଯାନ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ଟିମ୍ ଗଠନ କରିଥିଲେ । ଏହି ଟିମ୍ ମହାକାଳପଡ଼ା ବ୍ଲକ ଜମ୍ବୁ ଅଞ୍ଚଳରେ ଥିବା ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରିଛି। ଏହି ଦେଶୀ ମଦ ଭାଟିରୁ ୭ ଶହ ଲିଟରରୁ ଊର୍ଦ୍ଧ୍ୱ ରନ୍ଧା ମଦ ଓ ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଜମ୍ବୁ ଗ୍ରାମର କାଜଲ ମଣ୍ଡଳଙ୍କ ଭାଟିରୁ ୮ ଲିଟର , ରବିନ ମିର୍ଦ୍ଧାଙ୍କ ଭାଟିରୁ ୨୦ ଲିଟର , ବନ୍ଧନ ମାନ୍ନାଙ୍କ ଭାଟିରୁ ୭ ଲିଟର, ଅସ୍ତିକ ମଣ୍ଡଳଙ୍କ ଭାଟିରୁ ୨୫ ଲିଟର ସହ ନିକଟରେ ଥିବା ଏକ ସ୍ଥାନରୁ ୮୦ ଲିଟର ରନ୍ଧା ଦେଶୀ ମଦ ଓ ୬ ଶହ ଲିଟର ଗୁଡ଼ ପୋଚ ଜବତ କରି ନଷ୍ଟ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଟାଉନ ବଡ଼ହାଟ ଅଞ୍ଚଳର ଦେଶୀ ମଦ ବ୍ୟବସାୟୀ ମନା ମହାରଣାଙ୍କ ଭାଟିରୁ ୫୨୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି ବୋଲି ଜିଲା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଘଟଣାରେ ୫ ଜଣ ଦେଶୀ ମଦ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏ ସଂକ୍ରାନ୍ତରେ ଜିଲା ଅବକାରୀ ଅଧୀକ୍ଷକ ମଣ୍ଡଳ କହିଛନ୍ତି, ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ ଅଭିଯାନକୁ ଜୋରଦାର କରାଯିବ। କେନ୍ଦ୍ରାପଡ଼ା ଜିଲାରେ ବେଆଇନ ଦେଶୀ ମଦଭାଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ।

## ତମ୍ବା ପ୍ଲେଟ୍ ଚୋରି ଅଭିଯୋଗରେ ୪ ଗିରଫ

ଯାଜପୁରରୋଡ୍,୨୪।୮
(ପବିତ୍ର ରଞ୍ଜନ ମହାନ୍ତି):

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ମାନପୁରଠାରେ ଥିବା ଟିସିଆଇ ପରିବହନ ସଂସ୍ଥାରୁ ତମ୍ବାପ୍ଲେଟ ଚୋରି ଘଟଣାରେ ଯାଜପୁରରୋଡ୍ ପୋଲିସ ୪ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ହୋଇଥିବା ୪ ପିସ ତମ୍ବା ପ୍ଲେଟ ଜବତ କରିଛି। ଏହାର ଓଜନ ୨୨ କେଜି ଓ ଆନୁମାନିକ ମୂଲ୍ୟ ୨, ୩୪,୦୮୮ ଟଙ୍କା ହେବ। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ସଂସ୍ଥାରେ ଶ୍ରମିକଭାବେ କାର୍ଯ୍ୟ କରୁଥିବା କଳିଙ୍ଗନଗର ଥାନା ସୁଆଁଳ ଗ୍ରାମର ଘନଶ୍ୟାମ ମୁଣ୍ଡା(୩୭), ତାଙ୍କ ସହଯୋଗୀ ଏହି ଥାନା ଦୁର୍ଗାପୁର ଗ୍ରାମର ସିଲାଇ ବିରୁଆ(୩୦), ଯାଜପୁରରୋଡ୍ ଥାନା କଣ୍ଟିପୁରର ଶିବ ହେମ୍ବ୍ରମ(୨୨) ଓ ଚୋରି ଜିନିଷ କିଣିଥିବା ଲକ୍ଷ୍ମୀନଗରର ରାଜୁ ଗାଗରାଇ(୪୦)।

ଗତ ମାସ ୪ତାରିଖରେ ୪ ଖଣ୍ଡ ତମ୍ବା ପ୍ଲେଟ ଚୋରି ହୋଇଥିବା ନେଇ ଟିସିଆଇ ସଂସ୍ଥାର ପରିଚାଳକ ନବୀନ କୁମାର ୯ ଜୁଲାଇରେ ଯାଜପୁରରୋଡ୍ ଥାନରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୨୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।



ତମ୍ବା ପ୍ଲେଟ ଚୋରି ଅଭିଯୋଗରେ ଗିରଫ ହୋଇଥିବା ୪ ଅଭିଯୁକ୍ତ ।

## ନାଳରୁ ମହିଳାଙ୍କ ମୃତଦେହ ଜବତ

ବାସୁଦେବପୁର, ୨୪।୮
(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର କୁଡିଏଚେନ ଗ୍ରାମ ନିକଟସ୍ଥ ଏକ ନାଳରୁ ଜଣେ ମହିଳାଙ୍କ ମୃତଦେହ ଶନିବାର ସନ୍ଧ୍ୟାରେ କଷିଆ ସାମୁଦ୍ରିକ ଥାନା ପୋଲିସ ଜବତ କରିଛି। ମୃତା ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ଲକ୍ଷ୍ମୀ ମଣ୍ଡଳ(୫୭)। ନାଳରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ କଷିଆ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ। ଆଇଆଇସି ସାବିତ୍ରୀ ପଣ୍ଡା ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁ ହୋଇଛି। ମହିଳାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଠାକୁରମୁଣ୍ଡା,୨୪।୮ (ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ସାତକୋଶିଆ ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ କରଞ୍ଜିଆ ଥାନା ସାନବଡ଼ପୋଷୀ ଗ୍ରାମର ନାରଣ ନାୟକ (୫୦)। ସେ ସାତକୋଶିଆ ଶଶୁର ଘରେ ରହୁଥିଲେ। ନାରଣ ଶୁକ୍ରବାର ପ୍ରାୟ ୧୧ ଟା ବେଳେ ଘରୁ ଗାଧୋଇବା ପାଇଁ ଆସି ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ଶନିବାର ଠାକୁରମୁଣ୍ଡା–ଆନନ୍ଦପୁର ରାସ୍ତାକଡ଼କୁ ଲାଗି ଥିବ ପୋଖରୀରେ ମୃତଦେହ ଭାସୁଥିବାର ଲୋକେ ଦେଖି ନାରଣଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୦୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

# ଜେମ୍ସରେ ମହାକାଶ ଦିବସ

ଯାଜପୁର,୨୪।୮(ହର୍ଷବର୍ଦ୍ଧନ ବେହେରା)

ଭାରତ ସରକାର ଓ ସିବିଏସଇଙ୍କ ନିର୍ଦ୍ଦେଶକ୍ରମେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲ(ଜେମ୍ସ)ରେ ଶନିବାର ମହାକାଶ ଦିବସ ପାଳିତ ହୋଇଯାଇଛି। ମହାକାଶ ଗବେଷଣା କ୍ଷେତ୍ରରେ ଭାରତର ଉପଲବ୍ଧିକୁ ପିଲାମାନଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସକୁ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଚନ୍ଦ୍ରଯାନର ସଫଳତା ଓ ମହାକାଶ ଗବେଷଣା ସମ୍ପର୍କରେ ବିଭିନ୍ନ ପୋଷ୍ଟର ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ପିଲାମାନେ ଏଥିରେ ଭାଗନେଇ ନିଜ ବିଚାର ବ୍ୟକ୍ତ କରିଥିଲେ। ମହାକାଶ ଗବେଷଣା ଓ ଚନ୍ଦ୍ରଯାନ ଭିତ୍ତିକ ମଡେଲ ମଧ୍ୟ ପିଲାମାନେ ପ୍ରସ୍ତୁତ କରିଥିଲେ। ଏହି ମଡେଲଗୁଡ଼ିକ ଖୁବ୍ ଚମତ୍କାର ଓ ଅଭିଭାବକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ପାଣିଗ୍ରାହୀ ଉଦ୍‌ବୋଧନ ଦେଇ ମହାକାଶ ଗବେଷଣାରେ ଭାରତର ସ୍ଥିତିକୁ ପିଲାମାନଙ୍କୁ ବୁଝାଇଥିଲେ। ଉପାଧକ୍ଷ ସରୋଜ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ବିମଳ ମିଶ୍ର ଓ ଅରବିନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ପିଲାମାନେ ମଡେଲ ସବୁ ପ୍ରସ୍ତୁତ କରିଥିଲେ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ। ଜାତୀୟ ସଂଗୀତ ଗାନ ପୂର୍ବକ ସଭାକାର୍ଯ୍ୟ ପରିସମାପ୍ତି କରାଯାଇଥିଲା।



ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମହାକାଶ ଗବେଷଣା ଓ ଚନ୍ଦ୍ରଯାନ ଭିତ୍ତିକ ବିଭିନ୍ନ ମଡେଲ।

# ଅବଧିର ଦେଢ଼ ବର୍ଷ ପରେ ବି ସରୁନି କାମ

**ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ନୂତନ କାର୍ଯ୍ୟାଳୟ**

ଚଣ୍ଡିଖୋଲ,୨୪।୮(ପ୍ରଦୀପ୍ତ କୁମାର ପୃଷ୍ଟି):

ଅବଧି ସରିବାର ଦେଢ଼ ବର୍ଷ ପରେ ବି ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ସରିପାରୁ ନାହିଁ। ଫଳରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି କାର୍ଯ୍ୟାଳୟର ଉନ୍ନତୀକରଣ ପାଇଁ ୨୦୧୯ରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ପ୍ରସ୍ତାବକ୍ରମେ ୨୦୨୦ରେ ୫୦ ଲକ୍ଷ ୨୯ ହଜାର ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ତେବେ ଏହାର ବର୍ଷକ ପରେ ପୁନର୍ବାର ପରିବର୍ତ୍ତନ କରାଯାଇ ୨୦୨୧ ଏପ୍ରିଲରେ ୪ କୋଟି ୬୨ ଲକ୍ଷ ୫୦ ହଜାର ୧୬୭ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇଥିଲା। ୨୦୨୩ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ ହେବବୋଲି ପୂର୍ତ୍ତ ବିଭାଗ ତରଫରୁ ସିଦ୍ଧାନ୍ତ କରାଯାଇଥିଲା। ହେଲେ କାମ ସରୁ ନ ଥିବାରୁ ଆଞ୍ଚଳିକ



ଅଧାପନ୍ତରିଆ ଅବସ୍ଥାରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ନୂତନ କାର୍ଯ୍ୟାଳୟ।

ପରିବହନ ଅଧିକାରୀ ସମିତ କୁମାର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦୁଇଥର ପତ୍ର ଲେଖି କାର୍ଯ୍ୟ ଶେଷ କରିବା ପାଇଁ ଅନୁରୋଧ କରିଛନ୍ତି। ହେଲେ ତାହା କୌଣସି ପ୍ରଭାବ ପକାଇନାହିଁ। ଏପର୍ଯ୍ୟନ୍ତ ଏହି କୋଠାର ସମ୍ମୁଖ ଭାଗ ଅଧା ରଙ୍ଗ ଦିଆଯାଇଥିବାବେଳେ ଭିତର କାର୍ଯ୍ୟ କିଛି ହୋଇନାହିଁ। କୋଠା ସମ୍ମୁଖରେ ବାଲି ଗୋଡ଼ି ଗଦାହୋଇ ରହିବା ସହ ବର୍ଷାପାଣି ଜମି ରହୁଛି। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଚତୁଃପାର୍ଶ୍ୱ ନର୍ଦ୍ଦମାରେ ଭର୍ତ୍ତିହୋଇ ରହିଥିବାରୁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ମଶାମାଛିଙ୍କ ଉପଦ୍ରବ ବଢୁଛି।

ସୂଚନା ମୁତାବକ, ଚାରିବାଟିଆ ପୂର୍ତ୍ତବିଭାଗ ଡିଭିଜନର ବଡ଼ଚଣା ଉପଖଣ୍ଡ ଅଧୀନରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ନୂତନ କୋଠାର ନିର୍ମାଣ କରାଯାଉଛି। ବିଭାଗୀୟ ନିୟମ ଅନୁଯାୟୀ ଏହାକୁ ସମ୍ପୂର୍ଣ୍ଣ ଆଧୁନିକ ଶୈଳୀରେ ନିର୍ମାଣ କରାଯିବା କଥା। ଏହି କୋଠାଟି ୩ ମହାଲାବିଶିଷ୍ଟ ହେବ। ଏଥିରେ ଲିଫ୍ଟ ରହିବ। କୋଠାକୁ ସମ୍ପୂର୍ଣ୍ଣ ଅଗ୍ନିନିର୍ବାପକ ବ୍ୟବସ୍ଥା କରାଯିବ। ତତ୍ସହିତ ଅନ୍ତରୀଣ ବିଦ୍ୟୁତ୍ ସଂଯୋଗ ଓ ବାହାର ଆଲୋକୀକରଣ କରାଯିବ। କୋଠାର ଚତୁଃପାର୍ଶ୍ୱ ଆପ୍ରୋଚ ରୋଡ୍ ତିଆରି ହେବା ସହ ସମ୍ମୁଖ ଭାଗରେ ଫୁଲବଗିଚା ରହିବ। ଏହାର ପାଚେରି ନିକଟରୁ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ତେବେ ୨୦୨୩ ମାର୍ଚ୍ଚରୁ କାର୍ଯ୍ୟ ଶେଷ ହେବାର ସମୟ ଅବଧି ରହିଥିଲେ ମଧ୍ୟ ସମ୍ପୃକ୍ତ ଠିକା ସଂସ୍ଥା କାର୍ଯ୍ୟକରୁନାହିଁ କିମ୍ବା କୌଣସି ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହା ମଧ୍ୟରେ ସମ୍ପୃକ୍ତ ଠିକାଦାରଙ୍କୁ ବିଭାଗ ତରଫରୁ ୩ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବାବେଳେ ବିଭାଗ ପକ୍ଷରୁ ବ୍ୟୟ ଅଟକଳକୁ ବୃଦ୍ଧି କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଠିକାଦାର ଏପର୍ଯ୍ୟନ୍ତ ପଇସା ପାଇନାହାନ୍ତି। ଏହିକାର୍ଯ୍ୟର ପରିବର୍ତ୍ତନ କରାଯାଇ ନୂତନ ବ୍ୟୟବରାଦ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏବେ ଦେଖିବାକୁ ଅପେକ୍ଷା କେବେ ନୂତନ ବ୍ୟୟବରାଦ କରାଯାଇ କାର୍ଯ୍ୟ ଶେଷ କରାଯାଉଛି।

# ଗହୀରମଥାରେ ନୀଳରକ୍ତ କଙ୍କଡ଼ାଙ୍କ ଜିଓ ଟ୍ୟାଗିଂ ହେଲାନି

ମହାକାଳପଡ଼ା,୨୪।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ବାଲେଶ୍ୱରରେ ଜିଓ ଟ୍ୟାଗିଂ ପରେ କେନ୍ଦ୍ରାପଡ଼ାରେ ଅସନ୍ତୋଷ ବଢ଼ୁଛି

■ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଓ ବନ ବିଭାଗ ପଦକ୍ଷେପ ନେବାକୁ ଦାବି

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବହୁଳ ମାତ୍ରାରେ ଦେଖାଯାଉଥିବା ବିରଳ ପ୍ରଜାତିର ନୀଳରକ୍ତ କଙ୍କଡ଼ା ବା ହର୍ସୁକ୍ରାବର ଜିଓ ଟ୍ୟାଗିଂ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇନାହିଁ। ବାଲେଶ୍ୱର ଜିଲାରେ ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ଓ ବନ ବିଭାଗ ପକ୍ଷରୁ ଏଥିପାଇଁ ମିଳିତ ଉଦ୍ୟମ ଜାରିରହିଛି। ବାଲେଶ୍ୱର ଜିଲାରୁ ଆରମ୍ଭ ହୋଇଥିବା ଏହି ସର୍ବେକ୍ଷଣ ପରେ କେନ୍ଦ୍ରାପଡ଼ାର ଗହୀରମଥା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ସୂଚନା ଅନୁଯାୟୀ, ନୀଳରକ୍ତ କଙ୍କଡ଼ା ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ପ୍ରଶାନ୍ତ ମହାସାଗର ଓ ବଙ୍ଗୋପସାଗର କୂଳ ବାଲେଶ୍ୱର ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମୁହାଣରେ ଏହି କଙ୍କଡ଼ା ବହୁ ପରିମାଣରେ ଦେଖିବାକୁ ମିଳନ୍ତି। ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପ୍ରଜାତି କଙ୍କଡ଼ାଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏହି ସମୟରେ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଟ୍ରଲର ଓ ଇଞ୍ଜିନ ଚାଳିତ ବୋଟ୍ ଜାଲରେ ଲାଗି ବହୁ କଙ୍କଡ଼ାଙ୍କ ମୃତ୍ୟୁ ଘଟିଥାଏ। ଏମାନଙ୍କ ରକ୍ତରେ ଆଇରନ ବଦଳରେ କପର ବା ତମ୍ବା ଓ ହେମସିଆନିନ୍ ନାମକ ରାସାୟନିକ ପଦାର୍ଥ ଥିବାରୁ ତାଙ୍କ ରକ୍ତ ନୀଳରଙ୍ଗ ହୋଇଥାଏ। ସେହି ରକ୍ତର ଚାହିଦା ବିଦେଶରେ ରହିଛି। ଲିଟର ପିଛା ୧୧ ଲକ୍ଷ ଟଙ୍କାରେ ନୀଳରକ୍ତ ବିକ୍ରି ହୋଇଥାଏ ବୋଲି ସୂଚନା ମିଳିଛି। କାରଣ ଏହି ରକ୍ତ ରୋଗ ନିଦାନ ପରୀକ୍ଷଣରେ ସହାୟକ ହୋଇଥାଏ। ଜୀବନ୍ତ କଙ୍କଡ଼ାକୁ ସଂଗ୍ରହ କରି ଆମେରିକାର ବୈଜ୍ଞାନିକମାନେ ରକ୍ତ ସଂଗ୍ରହ କରିବାରେ ସଫଳ ହୋଇଥାନ୍ତି। ମୃତ କଙ୍କଡ଼ାଠାରୁ ରକ୍ତ ସଂଗ୍ରହ କରାଯାଇ ନ ଥାଏ। ଏହି କଙ୍କଡା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ସହିତ ମହାନଦୀ ତ୍ରିକୋଣ ଭୂମି ଅବବାହିକାରେ



ଗହୀରମଥାରେ ନୀଳରକ୍ତ କଙ୍କଡ଼ା।

ମାଈ ଅଣ୍ଡିରା ଯୋଡି ହୋଇ ସନ୍ତସନ୍ତିଆ ବାଲିଆ ଦୋରସା ମାଟି ଥିବା ପାଣିରେ ବୁଡ଼ି ରହିଥାନ୍ତି। ବିଶେଷ କରି ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ସେମାନଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସାମୁଦ୍ରିକ ଜୈବ ବିବିଧତା ସନ୍ତୁଳନ ରକ୍ଷା କରିବାରେ ଏହି କଙ୍କଡ଼ା ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି। ଶତ୍ରୁକୁ ଦେଖିଲେ ମୁନିଆ ଲାଞ୍ଜରେ କିଛି ରାସାୟନିକ ପଦାର୍ଥ ପକାଇ ଆଘାତ ଦେବାକୁ ସେମାନେ ପଛାଇ ନ ଥାନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ହୁକିଟୋଲା, ଷୋଳ ମୁହାଣ, ଲାଞ୍ଜ ଖୋଲା, ତଣ୍ଡା, ଅଗରନାଶି, ବରୁଣାଇ ମୁହାଣ ଓ ମହାନଦୀ ଅବବାହିକାରେ ଏହି କଙ୍କଡ଼ା ବହୁ ସଂଖ୍ୟାରେ ଦେଖିବାକୁ ମିଳନ୍ତି।

୧୯୭୧, ୧୯୮୨,୧୯୯୯ ମହାବାତ୍ୟା ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଛି ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି। ଧୀରେ ଧୀରେ ଏହି କଙ୍କଡ଼ା ବଂଶ ଲୋପ ପାଇବାକୁ ବସିଛି। ସେଥିପାଇଁ ସେମାନଙ୍କ ଜିଓ ଟ୍ୟାଗିଂ ପାଇଁ ବନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହେବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଓ ବନ ବିଭାଗର ମିଳିତ ପ୍ରୟାସରେ ପ୍ରଥମେ ବାଲେଶ୍ୱର ଜିଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି।

ବାଲେଶ୍ୱରରେ ଏହି ବିରଳ ପ୍ରଜାତିର ୭୦ କଙ୍କଡ଼ାର ଜିଓ ଟ୍ୟାଗିଂ ହୋଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ତେବେ କେନ୍ଦ୍ରାପଡ଼ା ଜିଲାର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଏଥିପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଏ ନେଇ କୌଣସି ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶ ମିଳିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଜମ୍ବୁ ଦେଶୀ ମଦଭାଟିରେ ଚଢ଼ାଉ, ୫ କୋର୍ଟ ଚାଲାଣ



ବେଆଇନ ମଦ ଭାଟିରୁ ଜବତ ସାମଗ୍ରୀ, ଗିରଫ ମଦ ବ୍ୟବସାୟୀ।

ମହାକାଳପଡ଼ା,(ପ୍ରତାପ ଚନ୍ଦ୍ର ସ୍ୱାଇଁ)

## ୧୨ଶହ ଲିଟର ଦେଶୀ ମଦ, ପୋଚ ନଷ୍ଟ କରାଗଲା

ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଭାଟି ଉପରେ ଚଢ଼ାଉ ଅଭିଯାନ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ଟିମ୍ ଗଠନ କରିଥିଲେ । ଏହି ଟିମ୍ ମହାକାଳପଡ଼ା ବ୍ଲକ ଜମ୍ବୁ ଅଞ୍ଚଳରେ ଥିବା ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରିଛି। ଏହି ଦେଶୀ ମଦ ଭାଟିରୁ ୭ ଶହ ଲିଟରରୁ ଊର୍ଦ୍ଧ୍ୱ ରନ୍ଧା ମଦ ଓ ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଜମ୍ବୁ ଗ୍ରାମର କାଜଲ ମଣ୍ଡଳଙ୍କ ଭାଟିରୁ ୮ ଲିଟର , ରବିନ ମିର୍ଦ୍ଧାଙ୍କ ଭାଟିରୁ ୨୦ ଲିଟର , ବନ୍ଧନ ମାନ୍ନାଙ୍କ ଭାଟିରୁ ୭ ଲିଟର, ଅସ୍ତିକ ମଣ୍ଡଳଙ୍କ ଭାଟିରୁ ୨୫ ଲିଟର ସହ ନିକଟରେ ଥିବା ଏକ ସ୍ଥାନରୁ ୮୦ ଲିଟର ରନ୍ଧା ଦେଶୀ ମଦ ଓ ୬ ଶହ ଲିଟର ଗୁଡ଼ ପୋଚ ଜବତ କରି ନଷ୍ଟ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଟାଉନ ବଡ଼ହାଟ ଅଞ୍ଚଳର ଦେଶୀ ମଦ ବ୍ୟବସାୟୀ ମନା ମହାରଣାଙ୍କ ଭାଟିରୁ ୫୨୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି ବୋଲି ଜିଲା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଘଟଣାରେ ୫ ଜଣ ଦେଶୀ ମଦ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏ ସଂକ୍ରାନ୍ତରେ ଜିଲା ଅବକାରୀ ଅଧୀକ୍ଷକ ମଣ୍ଡଳ କହିଛନ୍ତି, ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ ଅଭିଯାନକୁ ଜୋରଦାର କରାଯିବ । କେନ୍ଦ୍ରାପଡ଼ା ଜିଲାରେ ବେଆଇନ ଦେଶୀ ମଦଭାଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ ।

## ସଂକ୍ଷେପରେ

### କୋଇଲା ବୋଝେଇ ପିକ୍ଅପ୍ ଜବତ, ୨ ଅଭିଯୁକ୍ତ କୋର୍ଟ ଚାଲାଣ

ରାଜକନିକା,୨୪।୮ (ରବୀନ୍ଦ୍ର କୁମାର ଦାସ)

ଶୁକ୍ରବାର ରାଜକନିକା ପୋଲିସ ନହୁଲିଆ ନିକଟସ୍ଥ ପୋରଳ ରାସ୍ତାରୁ ଚୋରା କୋଇଲା ବୋଝେଇ ପିକ୍ଅପ୍ ଜବତ କରିଥିଲା । ଏହି ଘଟଣାରରେ ପିକ୍ଅପ୍ ଚାଳକ ଓ ସହଯୋଗୀଙ୍କୁ ରାଜକନିକା ପୋଲିସ ଶନିବାର ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଦୁଇ ଅଭିଯୁକ୍ତ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ବାଁଶଡା ଥାନା ଅନ୍ତର୍ଗତ ନୂଆଗାଁ ଇଚ୍ଛାପୁରର କିଶୋର ଚନ୍ଦ୍ର ରାଉତ(୨୭)ଓ ପ୍ରକାଶ ଚନ୍ଦ୍ର ବାରିକ (୩୫) । ଏହି ଘଟଣା ସଂକ୍ରାନ୍ତରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

### ବ୍ଲକସ୍ତରୀୟ ପ୍ରାରମ୍ଭିକ ଫସଲ ସର୍ବେକ୍ଷଣ ସଚେତନତା

ବାଲିକୁଦା,୨୪।୮ (ତାପସ ସ୍ୱାଇଁ)

ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପର୍କିତ ଏକ ସଚେତନତା ଶିବିର ବାଲିକୁଦା କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମନୋନୀତ ସର୍ବେକ୍ଷଣକାରୀମାନେ ଚାଷୀମାନଙ୍କ ନାମ, ଆଧାରକାର୍ଡ, ଚାଷ ଜମି ଫସଲ ସଂକ୍ରାନ୍ତୀୟ ଠିକ ତଥ୍ୟ ସଂଗ୍ରହ କରିବେ ବୋଲି ଶିବିରରେ ସୂଚନା ଦିଆଯାଇଥିଲା। ଶିବିରରେ ବାଲିକୁଦା ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନଙ୍କ ଅଧକ୍ଷତାରେ ବ୍ଲକ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷା ପ୍ରିୟମ୍ବଦା ପଲାଉର, ତହସିଲଦାର ଆଲୋକରଞ୍ଜନ ସେଠୀ, ବିଡିଓ ବିକାଶ ମହାନ୍ତି, ଜିଲା ପରିଷଦ ସଦସ୍ୟା ଡଲି ପଣ୍ଡା, ଆତ୍ମା କମିଟି ଅଧକ୍ଷ ଜଟାଧାରୀ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ବାଲିକୁଦା ବ୍ଲକରେ ୧ ଲକ୍ଷ ୩୬ ହଜାର ୩୨୪ରୁ ଊର୍ଦ୍ଧ୍ୱ ପ୍ଲଟରେ ଏହି ସର୍ବେକ୍ଷଣ କରାଯିବ ବୋଲି ଶିବିରରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟରେ ୧୨୦ ସର୍ବେକ୍ଷକଙ୍କ ସମେତ ୩୦ ସୁପରଭାଇଜର ନିୟୋଜିତ ଥିଲେ। ସରପଞ୍ଚ, ସମିତି ସଭ୍ୟମାନଙ୍କ ସମେତ କୃଷି ବିଭାଗ ଓ ତହସିଲର କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

### ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ରଘୁନାଥପୁର,୨୪।୮ (ରାଜେନ୍ଦ୍ର ନାରାୟଣ ସିଂହ)

ବିଶ୍ୱ ପରିବେଶ ଦିବସ ଅଭିଯାନ ଉପଲକ୍ଷେ ଜଗତ୍‌ସିଂହପୁର ଜିଲା ପରିଷଦ ଆୟୋଜନରେ ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସାହେଦା ତବ୍‌ସୁମ ଓ ସମିତି ସଭ୍ୟା ସାଗରିକା ତରେଇଙ୍କ ନେତୃତ୍ୱରେ ଏହି ପଞ୍ଚାୟତର ଅମୃତ ସରୋବର ଚତୁଃପାର୍ଶରେ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଚାରାରୋପଣ କରାଯାଇଛି। ମହିଳା ସଂଘର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ଏଥିରେ ସାମିଲ ହୋଇ ଚାରା ରୋପଣ ପାଇଁ ଉପସ୍ଥିତ ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କୁ ଉତ୍ସାହିତ କରିଥିଲେ।

# ବିନୋଦବିହାରୀ ମନ୍ଦିର ମରାମତି ଖୁବ୍‌ଶୀଘ୍ର ହେବ



ଏମ୍‌ପି ବୈଜୟନ୍ତ ପଣ୍ଡା ମନ୍ଦିରର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କେନ୍ଦ୍ରାପଡ଼ା,୨୪।୮ (ଜଗନ୍ନାଥ ଧଳ)

ଗତ ୧୯ ତାରିଖ ସନ୍ଧ୍ୟା ବଜ୍ରପାତରେ କେନ୍ଦ୍ରାପଡ଼ା ସହର ଗଣାମାହାଲସ୍ଥିତ ଶ୍ରୀବିନୋଦ ବିହାରୀ ମନ୍ଦିରର ଦଧିନଉତି ଦବିବା ସହିତ ୧୨ଟି ପଥର ଖସିପଡ଼ିଛି। ଏହାର ମରାମତି ଖୁବ୍‌ଶୀଘ୍ର ହେବ ବୋଲି ଏମ୍‌ପି ବୈଜୟନ୍ତ ପଣ୍ଡା ମନ୍ଦିରର ସ୍ଥିତି ଅନୁଧ୍ୟାନ କରିବା ପରେ କହିଛନ୍ତି । ଶନିବାର ଏମ୍‌ପି ପଣ୍ଡା ଉକ୍ତ ମନ୍ଦିରକୁ ଆସିଥିଲେ । ଏହି ଅବସରରେ ସେ କହିଛନ୍ତି, ସହରର ଏହି ପୁରାତନ ମନ୍ଦିର ସର୍ବଦା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ଏଥିସହିତ ପଥରରେ ଖୋଦେଇ ବହୁ ପୁରାତନ କଥାବସ୍ତୁ ମନ୍ଦିର କାନ୍ଥରେ ଶୋଭାପାଉଛି । ବଜ୍ରପାତରେ ମନ୍ଦିରର କ୍ଷତି ହୋଇଥିବାରୁ ତୁରନ୍ତ ଏହାର ମରାମତି ହେବ । ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ କଥା ହୋଇଥିବା ଏମ୍‌ପି ପଣ୍ଡା ସୂଚନା ଦେଇଛନ୍ତି । ତାଙ୍କର ଏହି ଗସ୍ତ ସମୟରେ ମନ୍ଦିର ଟ୍ରଷ୍ଟ ସଦସ୍ୟ ଉମାକାନ୍ତ ସିଂ, ଜୟନ୍ତ କୁମାର ସାହୁ, ଅମର କୁମାର ସାହୁ, ଜିଲା ଭାଜପା ସଭାପତି କିଶୋର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

# ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ବିଶ୍ୱ ସଂସ୍କୃତ ଦିବସ ପାଳିତ

ରାଜନଗର,୨୪।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶିଖରଠାରେ ଥିବା ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଏହି ଭାଷାର ଅଧ୍ୟୟନ ଓ ବ୍ୟବହାର ପ୍ରତି ଜନ ସଚେତନତା ସୃଷ୍ଟି କରିବା ବିଶ୍ୱ ସଂସ୍କୃତ ଦିବସର ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଆଦିଭାଷା ସଂସ୍କୃତ ହେଉଛି ଭାରତୀୟ ସଂସ୍କୃତିର ଭାଷା ଓ ସମଗ୍ର ବିଶ୍ୱକୁ ଶାନ୍ତି, ମୈତ୍ରୀ ତଥା ବନ୍ଧୁତ୍ୱ ବନ୍ଧନରେ ବାନ୍ଧି ରଖିବାର ଭାଷା ହେଉଛି ସଂସ୍କୃତ ଭାଷା ବୋଲି ମତବ୍ୟକ୍ତ କରିଥିଲେ। ଜ୍ଞାନ ବିଜ୍ଞାନର ଗନ୍ତାଘର ଭାବେ ପରିଚିତ ଏହି ଭାଷାକୁ ଭାରତ ସରକାର ୧୯୬୯ ଅଗଷ୍ଟ ୧୯କୁ ସଂସ୍କୃତ ଦିବସ ଭାବେ ପାଳନ ପାଇଁ ଆଇନ ପ୍ରଣୟନ କଲେ ଓ ୟୁନେସ୍କୋ ୨୦୧୯ ଅଗଷ୍ଟ ୧୯କୁ ବିଶ୍ୱ ସଂସ୍କୃତ ଦିବସ ନାମରେ ଘୋଷଣା କଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ରତ୍ନାକର ଦାସ, ପଣ୍ଡିତ ଶରତ କୁମାର ରାଉତ, ପଣ୍ଡିତ ନଳିନୀକାନ୍ତ କର, ଘନଶ୍ୟାମ ପରିଡ଼ା ପ୍ରମୁଖ ଯୋଗଦେଇ ବିଶ୍ୱର ଧର୍ମ, ବିଜ୍ଞାନ, ଦର୍ଶନ ଓ ସାହିତ୍ୟ ଇତ୍ୟାଦିକୁ ପ୍ରଭାବିତ କରିଥିବା ସଂସ୍କୃତ ଭାଷା ବିଶ୍ୱ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସଂସ୍କୃତ ଭାଷାର ବ୍ୟବହାର ଓ ସଂସ୍କୃତକୁ ଏକ ସକ୍ରିୟ ଭାଷା ରୂପେ ସଂରକ୍ଷିତ ଓ ସୁରକ୍ଷିତ ରଖିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ବକ୍ତାମାନେ କହିଥିଲେ।

# ପେତପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଜବରଦଖଲ ଉଚ୍ଛେଦ ଦାବି



ଜବରଦଖଲ ହୋଇ ରହିଥିବା ସରକାରୀ ଜମି।

ଆଳି, ୨୪।୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ତହସିଲ ଅଞ୍ଚଳରେ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି । ସରକାରୀ ଜମିକୁ ଅନେକ ଜବରଦଖଲ କରି ନିଜ ଅକ୍ତିଆର କରି ରଖିଛନ୍ତି। ଆଳି ବ୍ଲକ ପେତପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରର କିଛି ଜମିକୁ ପଞ୍ଚାୟତର କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିଥିବାରୁ ପଞ୍ଚାୟତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ପଞ୍ଚାୟତବାସୀ ଆଳି ତହସିଲଦାରଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ପେତପଡା ମୌଜା ଖାତା ନମ୍ବର ୮୯୦ ପ୍ଲଟ ନମ୍ବର ୨୨୮୩ ସରକାରୀ ଜମିରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ଚତୁଃପାର୍ଶ୍ୱ ପରିସୀମା ପାଚେରୀ ଉଠାଯିବା ନିମନ୍ତେ ସରକାରୀସ୍ତରରୁ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ତାହା ଫାଙ୍କା ପଡ଼ିଛି। ଫାଙ୍କା ରହିଥିବା ବେଳେ ଏହି ପ୍ଲଟର ଉତ୍ତର ପାର୍ଶ୍ୱକୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମି ଲାଗି ରହିଛି। ଏହାର ସୁଯୋଗ ନେଇ ସେ ପଞ୍ଚାୟତ ଜମିକୁ ଜବରଦଖଲ କରି ଗୃହ ନିର୍ମାଣ କରିବା ସହ ବାଡ଼ ବୁଜି ଦେଇଛନ୍ତି। ଜବରଦଖଲ ସ୍ଥାନକୁ ମାଟି ପକାଇ ଉଚ୍ଚ କରୁଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଜଳ ନିଷ୍କାସନ ବାଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ପଞ୍ଚାୟତକୁ ଆସୁଥିବା ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ପଞ୍ଚାୟତବାସୀ ଅସନ୍ତୋଷ ବ୍ୟକ୍ତ କରି ଆଳି ତହସିଲ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ ଦାବି କରିଛନ୍ତି। ଏ ନେଇ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିବା ବେଳେ ତାହା ସମ୍ଭବ ହୋଇନାହିଁ ।

# ଏମ୍‌ପିଙ୍କ ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମ

ମାର୍ଶାଘାଇ,୨୪।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତକୁ ନେଇ ଗଠିତ ୨୪ନଂ. ଜୋନ୍‌ର ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ମେହେନ୍ଦିନଗର ଗ୍ରାମରେ ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜୋନ୍ ସଭାପତି କୈଳାସ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପଣ୍ଡା ଯୋଗ ଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା, ବିଭିନ୍ନ ଗାଁରେ ସାଧାରଣ ଲୋକମାନଙ୍କ ସମସ୍ୟାକୁ ସମାଧାନ କରିବା, ଲୋକଙ୍କ ସୁଖଦୁଃଖରେ ସାମିଲ ହେବାକୁ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ପାଟକୁରା ନିର୍ବାଚନମଣ୍ଡଳୀର ଭାଜପା ନେତା ତେଜେଶ୍ୱର ପରିଡ଼ା, କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି କିଶୋର ପଣ୍ଡା, ନାରୀନେତ୍ରୀ ମନୀଷା ପଣ୍ଡା, ମିହିର ସାମଲ ଓ ପ୍ରଜେଶ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୋନ୍ ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପରିଡ଼ା, ଲିପିକା ବେହେରା, ଉପସଭାପତି ବିଘ୍ନେଶ୍ୱର ନାୟକ, ପବିତ୍ର ସାହୁ, ଭରତ ଲେଙ୍କା, ଧନେଶ୍ୱର ମୁଦୁଲି, ମିନତି ବିଶ୍ୱାଳ, ଯୁବ ମୋର୍ଚ୍ଚାର ଚନ୍ଦନ ରାଉତରାୟ, ମହିଳା ମୋର୍ଚ୍ଚାର ସ୍ନେହଲତା ପଟ୍ଟନାୟକ, ଓବିସି ମୋର୍ଚ୍ଚାର ପ୍ରଦୀପ୍ତ ରଞ୍ଜନ ପ୍ରଧାନ, ଏସ୍‌ସି ମୋର୍ଚ୍ଚାର ବାନାମ୍ବର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୂରଦୂରାନ୍ତରୁ ଆସୁଥିବା ଦର୍ଶକଙ୍କ ପାଇଁ ରାତ୍ରରହଣି ବ୍ୟବସ୍ଥା ଦାବି

କୁଜଙ୍ଗ,୨୪।୮ (ମନୋଜ ପ୍ରଧାନ)

## ପାରାଦୀପ ବିଶ୍ୱକର୍ମା ପୂଜା

ପାରାଦୀପ ବିଶ୍ୱକର୍ମା ପୂଜା ଦେଖିବା ପାଇଁ ଦୂରଦୂରାନ୍ତରୁ ଦର୍ଶକମାନଙ୍କ ପାଇଁ ରାତ୍ରିଯାପନ ବ୍ୟବସ୍ଥା କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଖି' ପକ୍ଷରୁ ଦାବି କରାଯାଇଛି। ଏନେଇ ଅତିରିକ୍ତ ଜିଲାପାଳ ଓ ପାରାଦୀପ ପୌରପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଦର୍ଶାଯାଇଛି ଯେ, ସରକାରୀ ବିଧିବ୍ୟବସ୍ଥା ଅନୁସାରେ ରାତି ୧୧ଟା ପରେ ପୂଜା ମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ହୋଇଯାଏ। ସେହି ସମୟରେ ଘରକୁ ଫେରିବା ପାଇଁ କୌଣସି ଗାଡ଼ିର ସୁବିଧା ନ ଥାଏ। ଅନେକ ସମୟରେ ବର୍ଷା ଓ ଝଡ ତୋଫାନ ମଧ୍ୟ ହୋଇଥାଏ । ଏହି ସମୟରେ ଦୂରଦୂରାନ୍ତରୁ ଆସିଥିବା ବୟସ୍କ ବ୍ୟକ୍ତି, ମହିଳା ଓ ଶିଶୁମାନେ ରାତ୍ରିଯାପନ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏନେଇ ସେମାନଙ୍କ ରାତ୍ରିଯାପନ ସହ ବର୍ଷାରୁ ରକ୍ଷା ପାଇଁ ଟେଣ୍ଟ ବ୍ୟବସ୍ଥା ଓ ମୁକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସାରା ରାତି କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଖି'ର ଅଧକ୍ଷ ଅରୁଣ କୁମାର ପରିଡା ଶନିବାର ପାରାଦୀପ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ଓ ପାରାଦୀପ ପୌରପାଳ ବସନ୍ତ ବିଶ୍ୱାଳଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ଦେଇଛନ୍ତି।





ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା।

# ପ୍ରଧାନମନ୍ତ୍ରୀ ଆବାସ, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୨୪।୮ (କଳ୍ପତରୁ ନାୟକ)





ସମୀକ୍ଷା ବୈଠକରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ।

## ପଟ୍ଟାମୁଣ୍ଡାଇ ବ୍ଲକରେ ଜିଲାପାଳଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଶନିବାର ପଟ୍ଟାମୁଣ୍ଡାଇ ବ୍ଲକ ପରିଦର୍ଶନ କରିଛନ୍ତି । ଏହି ଅବସରରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମସ୍ତ ଯୋଜନା ଠିକଣା ଭାବେ କାର୍ଯ୍ୟକାରୀ କରି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଜିଲାପାଳ ପ୍ରଥମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସ୍ଥିତି ସମୀକ୍ଷା କରିଥିଲେ । କେତେଜଣ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରିଛନ୍ତି, କେତେ ବାକି ରହିଛି ପଚାରି ବୁଝିବା ସହିତ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରୁ ନ ଥିବା ହିତାଧିକାରୀଙ୍କୁ ତାଗିଦା କରିବା ସହିତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ କିପରି ଅଧିକ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିବ । ଗ୍ରାମାଞ୍ଚଳ ଲୋକମାନଙ୍କୁ କର୍ମ ସଂସ୍ଥାନ ଓ ରୋଜଗାର ଯୋଗାଇ ଦିଆଯାଇପାରିବ ସେ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ପରିବେଶ ସୁରକ୍ଷା ଏକ ଆହ୍ୱାନ ଭାବେ ଦେଖା ଦେଇଥିବାରୁ ବ୍ୟାପକ ଚାରା ରୋପଣ ଓ ବଜ୍ରପାତ ଜନିତ ମୃତ୍ୟୁ ହାର ରୋକିବା ପାଇଁ ତାଳ ଗଛ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମ୍ୟ ପୋଖରୀ ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ଓ ବାଡ଼ିରେ ପୁଷ୍ଟିଯୁକ୍ତ ଉଦ୍ୟାନ କରି ଅଧିକ ଶ୍ରମ ଦିବସ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବାକୁ ଜିଲା ପରାମର୍ଶ ଦେଇଥିଲେ।

ସ୍ୱଚ୍ଛ ଭାରତ ମିଶନକୁ ସଫଳ ଭାବେ କାର୍ଯ୍ୟକାରୀ କରି ପଟ୍ଟାମୁଣ୍ଡାଇ ବ୍ଲକକୁ ବାହ୍ୟ ମଳମୁକ୍ତ ବ୍ଲକ ଘୋଷଣା କରିବା ଦିଗରେ ତତ୍ପରତାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଅଫିସରେ ପହଞ୍ଚିବା ଓ ଛାଡ଼ିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ଯୋଜନା ସଫଳତାର ସହ କାର୍ଯ୍ୟକରି ବିକାଶ ଧାରାକୁ ଆଗେଇ ନେବା ପାଇଁ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଏହି ବୈଠକରେ ଜିଲାପରିଷଦ ନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର, ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ରହେମାନ, ଇତିଶ୍ରୀ ରାଉତ, ପୁଷ୍ପାଳୀ ରାଉଳ, ପଟ୍ଟାମୁଣ୍ଡାଇ ବ୍ଲକ ଏବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ସହକାରୀ ଯନ୍ତ୍ରୀ ଇଂ.ଜଳଧର ବେହେରା ଓ କର୍ତ୍ତୃଶେଷ ବ୍ରହ୍ମା, କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ ରାଉତ, ବିନୟ ମିଶ୍ର, ସଂଘମିତ୍ରା ଦାସ, ସ୍ନିଗ୍ଧା ସାହୁ, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଚିକିଟି ମଦ ମୃତ୍ୟୁ ଘଟଣା, ଗିରଫ ସଂଖ୍ୟା ୯ରେ ପହଞ୍ଚିଲା

ଚିକିଟି, ୨୪।୮ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦ ଗ୍ରାମରେ ବିଷାକ୍ତ ମଦପିଇ ମୃତ୍ୟୁବରଣ କରିଥିବା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ମାଉନ୍ଦପୁର ଗ୍ରାମର ପ୍ରଭାକର ସାହୁ, ଓରଫ ପବନା । ଫଳରେ ଏହି ଗିରଫ ସଂଖ୍ୟା ୯ରେ ପହଞ୍ଚିଛି। ମଦମୃତ୍ୟୁ ଘଟଣା ପରଠାରୁ ପ୍ରଭାକର ଫେରାର ଥିଲେ। ସେବେଠାରୁ କେ. ନୂଆଗାଁ ପୋଲିସ ତାଙ୍କୁ ଖୋଜାଖୋଜି ଜାରି ରଖିଥିଲା। ତେବେ ଦିଗପହଣ୍ଡି ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି। ଏ ସମ୍ପର୍କରେ କେ. ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ୯ଜଣଙ୍କୁ ଗିରଫ କରାଯାଇଛି। ଏପରି ଚଢାଉ ଆଗକୁ ଜାରି ରହିବ ବୋଲି ସେ କହିଛନ୍ତି।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଧରାକୋଟ, ୨୪।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ''ମା' ପାଇଁ ଗଛଟିଏ'' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଡେନିସ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଡିଓ ସୁଶୀଲ ପଟ୍ଟନାୟକ, ବିପିଏମ୍ ପ୍ରତାପ ସ୍ୱାଇଁ, ବନପାଳ ଅକ୍ଷୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସମୟରେ ସିଆରପି, ଏମ୍‌ବିକେ, ଏସ୍‌ଏଚ୍‌ଜି ସଦସ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆମ୍ବ, ନିମ୍ବ, ଚାକୁଣ୍ଡା, କଦମ୍ବ ,ପିଜୁଳି, ସଜନା, ଅମୃତଭଣ୍ଡା ଆଦି ଚାରାରୋପଣ କରାଯାଇଥିଲା।

## ତୁମୁଡିବନ୍ଧରେ ନୂତନ ଜିଲାପାଳଙ୍କ ସମୀକ୍ଷା

ତୁମୁଡିବନ୍ଧ, ୨୩।୮ (ଦୀପକ କୁମାର ପରାସେଠ)

କନ୍ଧମାଳର ନୂତନ ଜିଲାପାଳ ଅମୃତ ଋତୁରାଜ ଶୁକ୍ରବାର ତୁମୁଡିବନ୍ଧ ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସେ କୁଟିଆ ଜନଜାତି ଲୋକଙ୍କ ସାମଗ୍ରିକ ଉନ୍ନତି ପ୍ରତି ଗୁରୁତ୍ୱାରୋପ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ସବୁ ଯୋଜନାରୁ ଲୋକେ ଯେପରି ଉପକୃତ ହେବେ ସେନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲାପାଳ ଋତୁରାଜ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଗୁରୁତ୍ୱ ଦେଇ ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ଗୁରୁତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ **ଜନମନ** ଯୋଜନା, ଘରଡ଼ିହ ଓ ଘର ନ ଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ, ଜଙ୍ଗଲ ଜମି ଯୋଜନାରେ ଜମି ପଟ୍ଟା ଦେବା, ଗ୍ରାମକୁ ରାସ୍ତା, ସୋଲାର ଯୋଗେ ପାନୀୟ ଜଳ ଯୋଗାଣ, ଆଧାର କାର୍ଡ ନ ଥିବା ଲୋକଙ୍କୁ ଆଧାର କାର୍ଡ ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

## ମହାନାଦପୁରରେ ଚାରାରୋପଣ, ବଣ୍ଟନ

ଛତ୍ରପୁର, ୨୪।୮ (ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ମହାନାଦପୁର ଗ୍ରାମରେ ଯଶୋଦା ଫାଉଣ୍ଡେସନ ପକ୍ଷରୁ ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ରାଉଳ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ସାମାଜିକ କର୍ମୀ କାଳୁ ଚରଣ ତ୍ରିପାଠୀ ଉପସ୍ଥିତ ରହି ଗ୍ରାମର ୪୨ ଜଣ ମହିଳାଙ୍କୁ ପିଜୁଳି, ଅଁଳା, ଡାଳିମ୍ବ, କଇଥ ଓ ଗଙ୍ଗଶିଉଳି ଚାରା ବଣ୍ଟନ କରିଥିଲେ। ଏଥିସହ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଟ୍ରଷ୍ଟି ବିଜୟ ମହାପାତ୍ରଙ୍କ ଉପସ୍ଥିତିରେ ବିଦ୍ୟାର୍ଥୀ ଏବଂ ଅତିଥିମାନେ ବିଭିନ୍ନ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟି ସାଗରିକା ପଣ୍ଡା, ସୁଦେଷ୍ଣା ସାହୁ ଓ ପୁଷ୍ପାଞ୍ଜଳି ସାହୁ ପରିଚାଳନା କରିଥିଲେ ।

# ମଦମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି କଲା କଂଗ୍ରେସ

ଚିକିଟି, ୨୪।୮ (ପ୍ରକାଶ ଚନ୍ଦ୍ର ସାହୁ)



ଚିକିଟି ଏନଏସି ଅନ୍ତର୍ଗତ ଜେନାପୁର ଗ୍ରାମରେ ୨ ଜଣଙ୍କ ବିଷାକ୍ତ ମଦ୍ୟପାନ ଯୋଗୁ ମୃତ୍ୟୁ ଘଟିଛି। ୧୩ଜଣ ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଇତି ମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ସୁଦ୍ଧା ମୃତକଙ୍କ ପରିବାରକୁ କିଛି ସରକାରୀ ସହାୟତା ମିଳିନାହିଁ ବୋଲି ଶନିବାର ଚିକିଟିଗଡ଼ସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା କଂଗ୍ରେସ କର୍ମକର୍ତ୍ତା ରବିନ୍ଦ୍ର ଦ୍ୟାନସାମନ୍ତରା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ମଦ ନିଗମ ଓ ଚିକିଟି ଅବକାରୀ ବିଭାଗର ମିଳିତ ସହାୟତାରେ ଚିକିଟି ଓ ପାତ୍ରପୁର ଅଞ୍ଚଳରେ ଦୀର୍ଘ ବର୍ଷ ଧରି ବେଆଇନ ଚୋରା ମଦ କାରବାର ବୃଦ୍ଧି ପାଉଛି। ରାଜ୍ୟ ସରକାର ରାଜସ୍ୱ ହରାଇବା ଆଶଙ୍କାରେ ନୀରବ ରହିଛନ୍ତି। ଏପରି ବେଆଇନ କାର୍ଯ୍ୟକଳାପ ବୃଦ୍ଧି ଯୋଗୁ ବିଷାକ୍ତ ମଦ ବିକ୍ରି ହୋଇ ନିରୀହ ଲୋକଙ୍କ ଜୀବନ ଯାଉଥିବା ଏବଂ ଏହାର ଜ୍ୱଳନ୍ତ ଉଦାହରଣ ଏବେ ଜେନାପୁରରେ ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି।

ଚିକିଟି ଓ ପାତ୍ରପୁର ଅଞ୍ଚଳରେ ୨ଟି ମଦ ଡିପୋକୁ ଗୋଟିଏ କରି ଗୋଟିଏକର ରାଜସ୍ୱ ଦେଇ ଅନ୍ୟ ଡିପୋ ଅଞ୍ଚଳରେ ମଦ ବିକି ମଦ ବ୍ୟବସାୟୀମାନେ ପ୍ରଚୁର ଲାଭ ଉଠାଉଛନ୍ତି। ଚିକିଟି ନିର୍ବାଚନମଣ୍ଡଳୀର ଚିକିଟି ଓ ପାତ୍ରପୁର ବ୍ଲକର କେଲୁଆଠାରୁ ଡୁରୁବିଦିପର୍ଯ୍ୟନ୍ତ, ତୁମ୍ବାଠାରୁ ସାମନ୍ତିଆପଲ୍ଲୀ ପର୍ଯ୍ୟନ୍ତ ଏବଂ ଗୁଣ୍ଡୁରା ପଞ୍ଚାୟତର କନିଶରେ ଚୋରା ମଦ ବିକ୍ରି ହେଉଛି। ଦେଶୀ ମଦରେ ମହୁଲି ପରିବର୍ତ୍ତେ ରାସାୟନିକ ସାର, ଗୁଡ, ଚିନି ଆଦି ମିଶାଇ ନକଲି ଅପମିଶ୍ରିତ ମଦ ପ୍ରସ୍ତୁତ କରି ଚୋରା ଚାଲାଣ ହେଉଥିବା ଦ୍ୟାନ ସାମନ୍ତରାୟ ଅଭିଯୋଗ କରିଛନ୍ତି। ଏଭଳି ଅପମିଶ୍ରିତ ମଦ କାରବାର ବଢି ଚାଲିଲେ ଚିକିଟି ଓ ପାତ୍ରପୁରରେ ଜେନାପୁର ସ୍ଥିତିର ପୁନଃରାବୃତ୍ତିକୁ ଏଡାଇ ଦିଆଯାଇ ନ ପାରେ। ୧୫ଦିନ ମଧ୍ୟରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ସରକାରୀ ସହାୟତା ନ ମିଳିଲେ କଂଗ୍ରେସ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଦ୍ୟାନସାମନ୍ତରା ଚେତାବନୀ ଦେଇଛନ୍ତି। ଏହି ଅବସରରେ ଦ୍ୟାନସାମନ୍ତରା ଜେନାପୁର ଗ୍ରାମକୁ ଯାଇ ବିଷାକ୍ତ ମଦ୍ୟପାନ କରି ମୃତ୍ୟୁବରଣ କରିଥିବା ଜୁର ବେହେରା ଓ ଲୋକନାଥ ବେହେରାଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଉଭୟ ପରିବାରଙ୍କୁ ସେ ୧୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରଛନ୍ତି।

## ଗଞ୍ଜେଇ ଚାଷ ରୋକିବାକୁ ଗଜପତି ଏସ୍‌ପିଙ୍କ ଗୁରୁତ୍ୱ

ମୋହନା, ୨୩।୮ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଅଡବା ହରଭଙ୍ଗୀ ଜଳ ସେଚନ ରାଜସ୍ୱ ବଙ୍ଗଳାଠାରେ ଚୋରାରେ ଗଞ୍ଜେଇ କାରବାର ଚାଲିଥିବା ଅଭିଯୋଗ ହେଉଛି। ଏନେଇ ଗଜପତି ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ନିକଟରେ ଅନୁଷ୍ଠିତ ହୋଇଛି। ବୈଠକରେ ଅଡବା ଥାନା ଅଞ୍ଚଳର ୧୮ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଗଞ୍ଜେଇ ଚାଷ ନ କରିବା ନେଇ ଏସ୍‌ପି ସ୍ୱାତୀ ଏସ୍ କୁମାର ଆଲୋଚନା ବେଳେ ଗୁରୁତ୍ୱାରୋପ କରିଥିଲେ। ଅଡବା ଥାନାଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡାଙ୍କ ସମେତ ପୋଲିସ କର୍ମଚାରୀ ଯୋଗଦେଇ ଗଞ୍ଜେଇ ଚାଷ ରୋକିବା ନେଇ ଲୋକଙ୍କୁ ସଚେତନ କରିଥିଲେ।

## ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ଚିକିଟି, ୨୪।୮ (ପ୍ରକାଶ ଚନ୍ଦ୍ର ସାହୁ)



ଚିକିଟି ନିର୍ବାଚନ ମଣ୍ଡଳୀ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଗଞ୍ଜାମ ଜିଲା ଚିକିଟି ଏନଏସି ଅନ୍ତର୍ଗତ ଜେନାପୁର ଗ୍ରାମ ପରିଦର୍ଶନରେ ଯାଇ ବିଷାକ୍ତ ମଦପିଇ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ବିଷାକ୍ତ ମଦ ପିଇ ଶନିବାର ୨ଜଣ ମୃତ୍ୟୁବରଣ କରିଥିଲେ। ଏହି ସମୟରେ ମୃତକଙ୍କ ପରିବାରର ସମ୍ପର୍କୀୟ ଏବଂ କେତେ ଜଣ ଗ୍ରାମବାସୀ ତାଙ୍କୁ ବିରୋଧ କରିଥିଲେ। ଘଟଣା ଘଟିବାର ଏକ ସପ୍ତାହ ପରେ ବିଧାୟକ ଜେନାପୁର ଆସିଥିବାରୁ ଗ୍ରାମବାସୀ ଓ ସମ୍ପର୍କୀୟମାନେ ତାଙ୍କୁ ଘେରି ବିଭିନ୍ନ ପ୍ରଶ୍ନ କରିଥିଲେ। ବିଧାୟକ ଦ୍ୟାନସାମନ୍ତରାୟ ବିଧାନସଭା ଚାଲିଥିବାରୁ ଗ୍ରାମରେ ପହଞ୍ଚି ପାରି ନ ଥିବା କହି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସେ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରିଥିଲେ । ଖୁବ୍ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଚାଷୀ ପଞ୍ଜୀକରଣ ଅବଧି ୨୮କୁ ବୃଦ୍ଧି

**ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା**

ଛତ୍ରପୁର, ୨୪।୮ (ସନ୍ତୋଷ ପାଢୀ): ସରକାରଙ୍କୁ ଖରିଫ ଧାନ ବିକିବାକୁ ହେଲେ ଚାଷୀଙ୍କୁ ଆଗୁଆ ଅନଲାଇନ୍‌ରେ ପଞ୍ଜୀକରଣ କରିବାକୁ ପଡିଥାଏ । ପଞ୍ଜୀକରଣ ଅବଧିକୁ ସରକାର ୨୮ ତାରିଖକୁ ବୃଦ୍ଧି କରିଛନ୍ତି। ଗତ ମାସ ୧୫ ତାରିଖରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇ ଗତ ୧୫ ତାରିଖରେ ଅବଧି ସରିଥିଲା । ଏବେ ଏହା ୨୮ ତାରିଖକୁ ବୃଦ୍ଧି କରାଯାଇଥିବା ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ୨୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ଜିଲାପାଳଙ୍କୁ ଚିଠି ଆସିଛି । ଫଳରେ ଏହାକୁ ଚାଷୀ ଓ ଚାଷୀ ସଂଗଠନଗୁଡିକ ପକ୍ଷରୁ ସ୍ୱାଗତ କରାଯାଇଛି। ଚାଷୀ ପଞ୍ଜୀକରଣ, ଯାଞ୍ଚ ଓ ଚୂଡାନ୍ତ ଚାଷୀ ତାଲିକା ପ୍ରକାଶ ନେଇ ଧାର୍ଯ୍ୟ ତାରିଖର ବିବରଣୀ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁସାରେ, ଆସନ୍ତା ୩୧ ତାରିଖ ସୁଦ୍ଧା ଚାଷୀ ପଞ୍ଜୀକରଣର ଡିଜାଟାଇଜେଶନ, ସେପ୍ଟେମ୍ବର ୧୨ ସୁଦ୍ଧା ଚାଷୀଙ୍କ ଜମି କାଗଜପତ୍ର ଯାଞ୍ଚ ସାରି ତଦନ୍ତ ରିପୋର୍ଟ ଦାଖଲ, ସେପ୍ଟେମ୍ବର ୨୦ରେ ଯାଞ୍ଚ ରିପୋର୍ଟ ଅପଲୋଡ ଓ ୨୧ରେ ସୋସାଇଟି ମାନଙ୍କ ପକ୍ଷରୁ ଚାଷୀଙ୍କ ଡାଟା ଅପଲୋଡ୍ କରାଯିବା ସେପ୍ଟେମ୍ବର ୩୦ରେ ଚୂଡାନ୍ତ ଚାଷୀ ତାଲିକା ପ୍ରକାଶ ପାଇବା ପାଇଁ ଧାର୍ଯ୍ୟ ହେବ । ସୂଚନାଯୋଗ୍ୟ, ଚାଷୀ ମାନେ ଧାନ ରୁଆରେ ବ୍ୟସ୍ତ ଥିବାରୁ ଚାଷୀ ପଞ୍ଜୀକରଣ ଅବଧି ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି କରି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଗତବର୍ଷ ଗଞ୍ଜାମ ଜିଲାରେ ୧ ଲକ୍ଷ ୪୬ ହଜାର ୫୪୧ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ । କୃଷି ବିଭାଗର ତଥ୍ୟ ଅନୁଯାୟୀ ଜିଲାରେ ୭.୫ ଲକ୍ଷ ଚାଷୀ ଓ ଭାଗ ଚାଷୀ ଅଛନ୍ତି।

## ହୁମ୍ମା, ପାଲୁର ଅଞ୍ଚଳରେ ବଢୁଛି ବିଷାକ୍ତ ମଦ କାରବାର

ଗଞ୍ଜାମ, ୨୩।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକର ପାଲୁର, ପାଲୁର ଜଙ୍କସନ ଓ ହୁମ୍ମା ଅଞ୍ଚଳରେ ବିଷାକ୍ତ ମଦ କାରବାର ଚାଲିଥିବା ଅଭିଯୋଗ ହେଉଛି। ପାଲୁର ଜଙ୍କସନ ଓ ପାଲୁରଗଡ଼ ରାସ୍ତା ପାର୍ଶ୍ୱରେ ବିଷାକ୍ତ ଅପମିଶ୍ରିତ ମଦ କାରବାର ହେଉଛି। କପଶିରାପ ନାମକ ଏକ କେମିକାଲ ପଶ୍ଚିମବଙ୍ଗରୁ ଆଣି ବିଦେଶୀ ମଦ ତିଆରି କରି ୧୬ ନମ୍ବର ଜାତୀୟ ରାଜପଥରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଲାଇସେନ୍ସ ନ ଥାଇ ମଧ୍ୟ କେତେକ ବ୍ୟକ୍ତି ଦୋକାନରେ ଏହି ମଦ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛଇ। ଏନେଇ ପୋଲିସ ଚଢ଼ାଉ ସୂଚନା ପାଇଲେ ମଦ ବ୍ୟବସାୟୀମାନେ ଚତୁରତାର ସହ ଖସି ଯାଉଛନ୍ତି। ମହୁଲି ମଦରେ ଏକ୍ସପାଏର ଟାବଲେଟ ଓ ପାଣି ମିଶାଇ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି। ଗଞ୍ଜାମ ଜିଲା ଚିକିଟି ଅଞ୍ଚଳରେ ବିଷାକ୍ତ ମଦପିଇ ମଦ ମୃତ୍ୟୁ ସଂଖ୍ୟା ବଢୁଥିବା ବେଳେ ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ଏ ଦିଗରେ ଅବକାରୀ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏକ୍ସ-ରେ ମେଶିନ କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ




ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ବାଲିଗୁଡା, ୨୪।୮ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେଶିନ ନ ଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିଗୁଡା ବ୍ଲକର ୮ରୁ ଅଧିକ ପଞ୍ଚାୟତବାସୀ ନିର୍ଭର କରନ୍ତି। ଏଠାରେ ଏକ୍ସରେ ମେଶିନ ନ ଥିବାରୁ ରୋଗୀ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ଓ ଅନ୍ୟତ୍ର ଯାଇଥାନ୍ତି। ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦୁଇଟି ଏକ୍ସ-ରେ ମେଶିନ କିଣାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଡ଼ିରହିଛି। ଏ ସମ୍ପର୍କରେ ବିଡିଓ, ଉପଜିଲାପାଳ, ଏମ୍‌ପିଙ୍କ ନିକଟରେ ଲିଖିତ ଅବଗତ କରାଯାଇଛି। ତଥାପି ସୁଫଳ ମିଳୁନି। ବାରଖମା ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ବିକାଶ କରି ତୁରନ୍ତ ଏକ୍ସ-ରେ ମେଶିନ କାର୍ଯ୍ୟକ୍ଷମ କରାନଗଲେ ସେପ୍ଟେମ୍ବର ମାସରେ ଚିକିତ୍ସାଳୟ କେନ୍ଦ୍ର ସମ୍ମୁଖରେ ଗଣଧାରଣା ଦେବୁ ବୋଲି ବାରଖମା ପଞ୍ଚାୟତ ଜନପ୍ରତିନିଧି ତଥା ସାମାଜିକ କର୍ମୀ ପରମାନନ୍ଦ ନାୟକ କହିଛନ୍ତି। ଏ ବାବଦରେ ଡାକ୍ତର ଦେବଦାସ କହିଛନ୍ତି ଯେ, ଏକ୍ସ-ରେ ମେଶିନ ପାଇଁ ସ୍ୱତନ୍ତ୍ର ଗୃହ ନ ଥିବାରୁ ତାହା ସଂଯୋଗ ହୋଇପାରୁନି। ଗୃହ ନିର୍ମାଣ ହେଲେ ମେଶିନ କାର୍ଯ୍ୟକ୍ଷମ ହୋଇପାରିବ ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା ମଣ୍ଡଳ ସଭାପତି

ଦାରିଙ୍ଗବାଡ଼ି, ୨୪।୮ (ଅରୁଣ ସାହୁ)

କନ୍ଧମାକ ଜିଲା ଦାରିଙ୍ଗବାଡ଼ି ଭାଜପା ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଦାରିଙ୍ଗବାଡ଼ିରେ ରହିଯାଇଥିବା ବିଭିନ୍ନ ବିକାଶ କାର୍ଯ୍ୟକୁ କିଭଳି କରାଯାଇପାରିବ ବିଶେଷ କରି ଦାରିଙ୍ଗବାଡିକୁ ସଂଯୋଗ କରୁଥିବା ୫୯ନଂ. ଜାତୀୟ ରାଜପଥର ଗାଜଲବାଡି ଘାଟିର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯିବା ସହ ସର୍ତ୍ତିଗୁଡ଼ା ଗ୍ରୀଡ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ୱାର୍ଲଡକ୍ଲାସ ପର୍ଯ୍ୟଟନ କ୍ଷେତ୍ର, ଇକୋ ଟ୍ୟୁରିଜିମର ବିକାଶ ଆଦି କରାଯିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଦାରିଙ୍ଗବାଡି ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବାକୁ ସେ ବହୁତ ଯୋଜନା ପ୍ରସ୍ତୁତ କରିଥିବା ଓ ପଦକ୍ଷେପ ଆରମ୍ଭ କରାଯାଇଥିବା କହିଥିଲେ। ମଣ୍ଡଳ ସଭାପତି ସନ୍ତୋଷ ମୁଖ୍ୟମନ୍ତ୍ରୀଙ୍କୁ ଦାରିଙ୍ଗବାଡି ଗସ୍ତ କରିବାକୁ ନିବେଦନ କରିଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ସହମତି ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାରିଙ୍ଗବାଡି ଭାଜପା ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ ଭେଟୁଛନ୍ତି।

**■ପର୍ଯ୍ୟଟନ ଓ ଅନ୍ୟାନ୍ୟ ଉନ୍ନୟନ ପାଇଁ ନିବେଦନ**

ସୂଚନାଯୋଗ୍ୟ, ୨୦୧୫ରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଉପନିର୍ବାଚନ ହେବା ସମୟରେ ଭାଜପା ପକ୍ଷରୁ ମୋହନ ଚରଣ ମାଝୀ ଦାରିଙ୍ଗବାଡି ବ୍ଲକ ଅଞ୍ଚଳ ସମେତ ଅନ୍ୟ ବ୍ଲକ ଅଞ୍ଚଳରେ ପ୍ରଚାର ଦାୟିତ୍ୱରେ ଥିଲେ। ସେହି ସମୟରେ ସେ ପ୍ରାୟ ୧୫ ଦିନ ଦାରିଙ୍ଗବାଡିରେ ରହିଥିବା ସମସ୍ତ ଦୁର୍ଗମ ଅଞ୍ଚଳ ବାଇକ୍‌ରେ ବୁଲି ଦଳକୁ ଜିତାଇବା ପାଇଁ ପ୍ରଚାର କରୁଥିବା ବେଳେ ଅନେକ ଲୋକ ଓ ଦଳୀୟ କର୍ମୀଙ୍କ ସଂସ୍ପର୍ଶରେ ଆସି ପରିଚିତ ହୋଇଥିଲେ।

## ଦୁର୍ଘଟଣାରେ ତହସିଲ କର୍ମଚାରୀ ଗୁରୁତର

ବୁଗୁଡ଼ା, ୨୪।୮ (କାଳିଚରଣ ଦାଶ): ବୁଗୁଡ଼ା ସହର ମୁଖ୍ୟ ସଡ଼କରେ କାର ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଶନିବାର ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟର କର୍ମଚାରୀ ସୋମନାଥ ସାହୁ (୫୫)। ପ୍ରକାଶ ଯେ, ଶନିବାର ସକାଳେ ସୋମନାଥ ବାଇକ୍ ଯୋଗେ ତାଙ୍କର ଷୋଳମଇଲିସ୍ଥିତ କ୍ୱାର୍ଟର୍ସରୁ ବୁଗୁଡା ବଜାରକୁ ମୁଖ୍ୟ ସଡକରେ ଆସୁଥିବା ବେଳେ ଶକ୍ତିନଗରଠାରେ ଏକ କାର ସହ ଧକ୍କା ହୋଇଥିଲା।

## ଏକଦିବସୀୟ ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

ବ୍ରାହ୍ମଣୀଗାଁ, ୨୪।୮ (ମନୋରଞ୍ଜନ ରଣା)

ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ ଏକଦିବସୀୟ ବିଶ୍ୱ ପରିବେଶ ଦିବସ ଗଦାପୁର ସେକ୍ସନର ଧୁସାରିଗାଁ ବିଟ୍‌ରେ ପାଳନ କରାଯାଇଛି। ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଗଦାପୁର ସେକ୍ସନର ଅତିରିକ୍ତ ବନପାଳ ସଞ୍ଜୀବ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୧୧ନଂ. ଜୋନ ଜିଲା ପରିଷଦ ସଭ୍ୟା ଦୀପିକା ମୁଠା ମାଝୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସରାମୁଳି ସରପଞ୍ଚ ପ୍ରେମଶିଳା ମୁଠା ମାଝୀ, ସମିତିସଭ୍ୟାଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ବିଶ୍ୱ ପରିବେଶ ଦିବସରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜରିଆରେ ବନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରି ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ସରାମୂଳିର ବେଲାଙ୍ଗିନି ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ଥିବା ବେଳେ ପରିଚାଳନାରେ ବ୍ରାହ୍ମଣୀଗାଁ ଅତିରିକ୍ତ ବନପାଳ ଦୀପକ ରଞ୍ଜନ ପଟ୍ଟନାୟକ, କାଟିଙ୍ଗିଆ ବନପାଳ ସରୋଜ କୁମାର ମଙ୍ଗରାଜ, ଗଦାପୁର ବନରକ୍ଷୀ ଲକ୍ଷ୍ମଣ ବିଶି ମାଝୀ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି




ନିର୍ବାଚନ କରାଇବାକୁ ଏବିଭିପିର ବିକ୍ଷୋଭ।

ଫୁଲବାଣୀ, ୨୪।୮ (ରାକେଶ କୁମାର ରାଉତ)

ରାଜ୍ୟରେ ଗତ ୬ ବର୍ଷ ଧରି ପୂର୍ବତନ ବିଜେଡି ସରକାର କଲେଜଗୁଡିକରେ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିଥିଲେ। ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ଚାପିବା ପାଇଁ ଚେଷ୍ଟା କରିଥିବା ବେଳେ ରାଜ୍ୟରୁ ରାଜନୀତିରେ ନୂତନ ନେତୃତ୍ୱ ବିକାଶ ପାଇଁ ମଧ୍ୟ ବାଧକ ସାଜିଥିଲେ। ବର୍ତ୍ତମାନ ସରକାର ପରିବର୍ତ୍ତନ ହୋଇଛି। ରାଜ୍ୟ ବ୍ୟାପୀ ପ୍ରତ୍ୟେକ କଲେଜରେ ଛାତ୍ରୀଛାତ୍ର, ଛାତ୍ର ସଂସଦ ନିର୍ବାଚନ ନୂତନ ସରକାର କରାଇବା ପାଇଁ ଆଶାକରି ପ୍ରସ୍ତୁତ ଥିଲେ। ରାଜ୍ୟ ଆଇନ ମନ୍ତ୍ରୀ ଆସନ୍ତା ବର୍ଷଠାରୁ ନିର୍ବାଚନ ହେବା ନେଇ ସୂଚନା ଦେବା ପରେ ରାଜ୍ୟ ବ୍ୟାପୀ କଲେଜଗୁଡ଼ିକରେ ଚଳିତ ବର୍ଷ ନିର୍ବାଚନ କରାଇବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି। ସେହିଭଳି ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ୍ୟ କନ୍ଧମାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଚଳିତ ବର୍ଷ ନିର୍ବାଚନ କରାଇବାକୁ ନେଇ ବିକ୍ଷୋଭ ଓ ଦାବି ହୋଇଥିଲା। ଏବିଭିପି କନ୍ଧମାଳ ଜିଲା ସଂଯୋଜକ ଅମ୍ଳାନ ପଟ୍ଟନାୟକ, ଗଞ୍ଜାମ ବିଭାଗ ସହ ସଂଯୋଜକ ରୁଦ୍ର ପ୍ରସାଦ ସେଠୀ, ଗଞ୍ଜାମ ବିଭାଗ ଆରକେଏମ୍ ସଂଯୋଜକ ତ୍ରିଲୋଚନ ଗଣ୍ଡା ଏହାର ନେତୃତ୍ୱ ନେଇଥିଲେ।

## ରାସ୍ତା କଡ଼ରେ ବିପଦ ସଂକୁଳ ଶୁଖିଲା ଗଛ

ଖଜୁରୀପଡ଼ା, ୨୪।୮ (ବିଦୁର ବେହେରା)- ଖଜୁରିପଡ଼ା ବ୍ଲକ ଦୂତିପଡ଼ା ମେକାନି ସାହିଠାରେ ଏକ ବିଶାଳ ଗଛ ଶୁଖି ରହିଛି। ତାହା ଆଗକୁ ଗଲେ ଲେମ୍ବୁ ବଗିଚା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଦୂତିପଡ଼ା ସମ୍ମୁଖରେ ମଧ୍ୟ ଗଛ ଶୁଖି ରହିଥିବା ବେଳେ ଆଉ ଏକ ବିଶାଳ ଆମ୍ବ ଗଛ ପିଣ୍ଡା ବାଡ଼ି ସରକାରୀ ପ୍ରାଥମିକ ସ୍କୁଲ ସମ୍ମୁଖରେ ଶୁଖି ରହିଛି। ଏହିସବୁ ଶୁଖିଲା ଗଛ ଫୁଲବାଣୀରୁ ଭୁବନେଶ୍ୱର ୫୭ ନଂ ଜାତୀୟ ରାଜପଥ ର କଡ଼ରେ ରହିଛି। ଟିକେ ପବନ ହେଲେ ଡାଳ ସବୁ ରାସ୍ତା ଉପରେ ଭାଙ୍ଗି ଭାଙ୍ଗି ପଡୁଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ି ମଟର ଯାତାୟାତ କରୁଛି। କେତେବେଳେ କୌଣସି ଯାନବହନ ଉପରେ ଏହି ଗଛ ପଡ଼ି ଦୁର୍ଘଟଣା ଘଟିବ ତାକୁ ଏଡାଇ ହେବ ନାହିଁ। ଏହି ଗଛ କାଟିବା ପାଇଁ ୨୦୨୩ ଜୁଲାଇ ୧୫ ତାରିଖରେ ମେକନି ସାହିବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳ ନଥିବା ମେକନୀ ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଦୂତି ମେଣ୍ଡୀ ରାଜସ୍ୱ ନୀରିକ୍ଷକ ଅଧିକାରୀ ମାନସ ସାହୁଙ୍କୁ ପଚାରିବାରୁ ସେ ନିଜ ବିଭାଗ ତରଫରୁ ସମସ୍ତ ସହଯୋଗ କରିବାକୁ ପ୍ରସ୍ତୁତି ଅଛନ୍ତି କିନ୍ତୁ ବନ ବିଭାଗର ସହଯୋଗ ଆବଶ୍ୟକ ବୋଲି କହିଛନ୍ତି। ବନ ସଂରକ୍ଷଣ ଅଧିକାରୀ ପ୍ରତାପ ଜୁଣ୍ଡିଙ୍କୁ ପଚାରିବାରୁ ଡିଏଫୋଙ୍କ ଅନୁମତି ଆବଶ୍ୟକ ବୋଲି କହିଥିବା ବେଳେ ରେଞ୍ଜର ଶିବାନନ୍ଦ ଲେଙ୍କା କହିଛନ୍ତି ଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ।

# ଭଲିବଲ୍ ଟୁର୍ନାମେଣ୍ଟ, ସାମ୍ରିବାଡ଼ି ଚାମ୍ପିୟନ

ଦାରିଙ୍ଗବାଡି, ୨୩।୮ (ଅରୁଣ ସାହୁ): ଦାରିଙ୍ଗବାଡି ବ୍ଲକ ପଲେ ଗ୍ରାମରେ ଭାଇଚାରା, ଶାନ୍ତି ଓ ସଦଭାବନା ପାଇଁ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିକାଶ ଯୁବ ସଂଘ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ଗୁରୁବାର ଫାଇନାଲ ମ୍ୟାଚ ହୋଇଥିଲା। ଫାଇନାଲରେ ମାହାଡାଗାଣ୍ଡା ଦଳକୁ ହରାଇ ସାମ୍ରିବାଡ଼ି ଦଳ ଚାମ୍ପିୟାନ ହୋଇଛି। ମୁଖ୍ୟ ଅତିଥିଭାବେ ବିଡ଼ିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର ଏବଂ ଆଇଆଇସି ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁଦ ଦ୍ୱାରା ଦେହ ମନ ସୁସ୍ଥ ରହିବ। ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ବିଡ଼ିଓ କହିଥିଲେ। ଅଞ୍ଚଳରେ ଶାନ୍ତି, ସଦଭାବନା ଓ ଭାଇଚାରା ସୃଷ୍ଟି କରିବାର ଏହା ଏକ ମାଧ୍ୟମ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନ କମିଟି ପକ୍ଷରୁ ଚାମ୍ପିୟନ ଦଳକୁ ୮ ହଜାର ୫ ଶହ ଟଙ୍କା, ଟ୍ରଫି ଓ ବନ୍ଧୁତ୍ୱ ପାଇଁ ଦେଶୀ କୁକୁଡ଼ା ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ମାହାଡାଗାଣ୍ଡାକୁ ୬ ହଜାର ୫ ଶହ ସହ ଟ୍ରଫି ଏବଂ ବ୍ରଏଲର କୁକୁଡ଼ା ପ୍ରଦାନ କରାଯାଇଥିଲା। ବେଷ୍ଟ ହିଟର ସାମ୍ରିବାଡ଼ି ଦଳର ବିଟୁ ନାୟକ, ବେଷ୍ଟ ନେଟର ତଗାପଙ୍ଗାର ରାଜେଶ ପ୍ରଧାନ ଓ ଶୃଙ୍ଖଳା ଦଳ ଭାବେ କିରାମାହାକୁ ପୁରସ୍କାର ଦିଆଯାଇଥିଲା। ଟୁର୍ନାମେଣ୍ଟ ଅଫ ଦି ବେଷ୍ଟ ପ୍ଲେୟାର ଭାବେ ମାହାଡାଗାଣ୍ଡା ଦଳର ଅଭୟ ମଲିକଙ୍କୁ ପୁରସ୍କାର ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ବିକାଶ ଯୁବ ସଂଘର ମ୍ୟାନେଜର ମନୋରଞ୍ଜନ ପ୍ରଧାନଙ୍କ ସମେତ ସଭାପତି କୁବେର ପ୍ରଧାନ, ସମ୍ପାଦକ ଇଶା ପ୍ରଧାନ, କୋଷାଧ୍ୟକ୍ଷ କ୍ରିସ୍ଚିନ ପ୍ରଧାନ, ସୁଧୀର ପ୍ରଧାନ, ମୁନା ପ୍ରଧାନ, ଆଲୋକ ପ୍ରଧାନ, ସୁଶୀଲ ପ୍ରଧାନଙ୍କ ସମେତ ଅନ୍ୟମାନେ ଆୟୋଜନ କରିଥିଲେ। ତପନ ଦିଗାଲ ସଂଯୋଜନା କରୁଥିଲେ। ଟୁର୍ନାମେଣ୍ଟରେ ୨୪ ଟି ଦଳ ଭାଗ ନେଇଥିଲେ।



